# Inaugural I2U2 Business Forum convened to accelerate joint investment in key sectors

February 22, 2023

## ପ୍ରମୁଖ କ୍ଷେତ୍ରଗୁଡିକରେ ମିଳିତ ପୁଞ୍ଜି ବିନିଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଥମ ଆଇ2ୟୁ2 ବ୍ୟବସାୟ ଫୋରମ ଅନୁଷ୍ଠିତ

ଫେବୃଆରୀ 22, 2023

22 ଫେବୃଆରୀ 2023 ରେ ୟୁଏଇର ଆବୁଧାବିଠାରେ ପ୍ରଥମ ଆଇ2ୟୁ2 ବ୍ୟବସାୟ ଫୋରମ ଅନୁଷ୍ଠିତ ହୋଇଯାଇଛି। ଏହି ଫୋରମରେ ଭାରତ, ଇସ୍ରାଏଲ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଆମେରିକା (ଆଇ2ୟୁ2) ର ଘରୋଇ ତଥା ସରକାରୀ କ୍ଷେତ୍ରର ବରିଷ୍ଠ ପ୍ରତିନିଧିମାନେ ଏକାଠି ହୋଇ ଚାରି ଦେଶର ବ୍ୟବସାୟୀ ସମୁଦାୟ ମଧ୍ୟରେ ସହଯୋଗର ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଜୁଲାଇ 2022 ରେ ଆଇ2ୟୁ2 ନେତୃବର୍ଗଙ୍କ ସମ୍ମିଳନୀରେ ଆଇ2ୟୁ2 ଗ୍ରୁପର ଆନୁଷ୍ଠାନିକ ଭାବେ ଆରମ୍ଭ ହେବା ପରେ ଏହି କାର୍ଯ୍ୟକ୍ରମ ପ୍ରଥମ ଥର ପାଇଁ ଆୟୋଜିତ ହେଉଛି।

ଭାରତ, ଇସ୍ରାଏଲ, ୟୁଏଇ ଏବଂ ଆମେରିକାକୁ ନେଇ ଗଠିତ ଆଇ2ୟୁ2 ଭାଗିଦାରୀ ହେଉଛି ଖାଦ୍ୟ ସୁରକ୍ଷା, ଜଳ, ଶକ୍ତି, ମହାକାଶ, ପରିବହନ, ସ୍ୱାସ୍ଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସମେତ ବିଭିନ୍ନ କ୍ଷେତ୍ରରେ ଏହାର ସଦସ୍ୟମାନଙ୍କ ମଧ୍ୟରେ ଠୋସ୍ ଆର୍ଥିକ ସହଯୋଗକୁ ଚଳାଇବା ପାଇଁ ଏକ ଗୋଷ୍ଠୀ। ଘରୋଇ କ୍ଷେତ୍ରର ପୁଞ୍ଜି ଓ ଅଭିଜ୍ଞତାକୁ ଭିତ୍ତିଭୂମି ଆଧୁନିକୀକରଣ ଓ ଶିଳ୍ପକୁ ଡିକାର୍ବୋନାଇଜ କରିବା, ଜନସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ଏବଂ ସବୁଜ ପ୍ରଯୁକ୍ତିବିଦ୍ୟାର ବିକାଶକୁ ପ୍ରୋତ୍ସାହିତ କରିବା ସମେତ ଅନ୍ୟ ଲକ୍ଷ୍ୟ ହାସଲ କରିବା ଏହାର ଉଦ୍ଦେଶ୍ୟ।

ୟୁଏଇର ବୈଦେଶିକ ମନ୍ତ୍ରୀ ମାନ୍ୟବର ଶ୍ରୀ ଅହମ୍ମଦ ଅଲ୍ ସାୟେଗ, ଆମେରିକାର ଉପବୈଦେଶିକ ସଚିବ ଜୋସ୍ ଡବ୍ଲୁ ଫର୍ଣ୍ଣାଣ୍ଡିଜ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ସଚିବ (ଅର୍ଥନୈତିକ ସମ୍ପର୍କ) ଶ୍ରୀ ଦାମୁ ରବି, ଇସ୍ରାଏଲର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ରୋନେନ୍ ଲେଭି ଏବଂ ଆମେରିକାର ରାଷ୍ଟ୍ରପତିଙ୍କ ଉପ ସହାୟକ ତଥା ମଧ୍ୟପ୍ରାଚ୍ୟ ଓ ଉତ୍ତର ଆଫ୍ରିକା ପାଇଁ ହ୍ୱାଇଟ ହାଉସର ସଂଯୋଜକ ବ୍ରେଟ୍ ମ୍ୟାକଗର୍କଙ୍କ ଉଦବୋଧନ ସହିତ ଆଇ2ୟୁ2 ବ୍ୟବସାୟ ଫୋରମ ଆରମ୍ଭ ହୋଇଥିଲା।

ଅଧିକାରୀମାନେ ସେମାନଙ୍କ ମନ୍ତବ୍ୟରେ ଆଇ2ୟୁ2 ଫ୍ରେମୱର୍କ ଅଧୀନରେ ଅର୍ଥନୈତିକ ସହଯୋଗ ବୃଦ୍ଧି କରିବାକୁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସେମାନେ ଆଇ2ୟୁ2 ଦେଶମାନଙ୍କର ନିଷ୍ପତ୍ତି ଗ୍ରହଣକାରୀ ଏବଂ ଭବିଷ୍ୟତରେ ସହଭାଗୀତା ଗଠନ ପାଇଁ ଆଗ୍ରହୀ ଘରୋଇ କ୍ଷେତ୍ରର ହିତାଧିକାରୀଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଯୋଗଦାନର ମହତ୍ତ୍ୱକୁ ଉଲ୍ଲେଖ କରିଥିଲେ।

ସଚିବ (ଅର୍ଥନୈତିକ ସମ୍ପର୍କ) ଆଇ2ୟୁ2 ସହଭାଗୀତା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଥିଲେ ଏବଂ ହରିୟାନାର ଗୁରୁଗ୍ରାମଠାରେ ଆଇ2ୟୁ2 ନବସୃଜନ କେନ୍ଦ୍ରର ପ୍ରତିଷ୍ଠା ସହିତ ସମସ୍ତ ଆଇ2ୟୁ2 କାର୍ଯ୍ୟକ୍ରମରେ ଦୃଷ୍ଟାନ୍ତମୂଳକ ଅଗ୍ରଗତି ହାସଲ କରିବା ଦିଗରେ କାର୍ଯ୍ୟ କରିବାକୁ ସମସ୍ତ ହିତାଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଲାଇଫ୍-ପରିବେଶ ପାଇଁ ଜୀବନଶୈଳୀ ଉପରେ ସ୍ପଷ୍ଟ ଆହ୍ୱାନ ଅନୁଯାୟୀ ଆଇ2ୟୁ2 ସହଭାଗୀମାନଙ୍କୁ ସମସ୍ତଙ୍କ ପାଇଁ ଏକ ସ୍ଥାୟୀ ଓ ପରିବେଶ ଅନୁକୂଳ ଜୀବନଶୈଳୀ ଦିଗରେ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ।

ଏହା ପରେ ଏକ ସରକାରୀ ସ୍ୱାକ୍ଷର ସମାରୋହରେ ଜଳବାୟୁ ପାଇଁ କୃଷି ନବସୃଜନ ମିଶନରେ ଯୋଗଦେବାକୁ ଭାରତକୁ ସ୍ୱାଗତ କରାଯାଇଥିଲା। ଏହି ମିଶନ ୟୁଏଇ ଏବଂ ଆମେରିକା ଦ୍ୱାରା ସିଓପି26 ରେ ଆରମ୍ଭ ହୋଇଥିଲା ଏବଂ ଏଥିରେ ଇସ୍ରାଏଲ ସମେତ 140 ଟି ସରକାରୀ ଓ ବେସରକାରୀ ସଂସ୍ଥା ମଧ୍ୟ ସହଭାଗୀ ଭାବେ ସାମିଲ ଅଛନ୍ତି। ଅଧିକାରୀମାନେ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଜଳବାୟୁ ପରିବର୍ତ୍ତନ କୃଷି ଏବଂ ଖାଦ୍ୟ ପ୍ରଣାଳୀର ନବୀକରଣ କ୍ଷେତ୍ରରେ ଅଧିକ ସହଯୋଗ ପାଇଁ ଏଭଳି କାର୍ଯ୍ୟକ୍ରମ ଏକ ସୋପାନକୁ ପ୍ରତିନିଧିତ୍ୱ କରେ।

ସମ୍ପ୍ରତି ଆଇ2ୟୁ2 ଅଧୀନରେ ଅନୁସନ୍ଧାନ କରାଯାଉଥିବା ଦୁଇଟି ପ୍ରମୁଖ କାର୍ଯ୍ୟକ୍ରମ ଉପରେ ଉପସ୍ଥାପନା ସହିତ ସକାଳ ସମାପ୍ତ ହୋଇଥିଲା, ଯେଉଁଥିରେ ସମଗ୍ର ଭାରତରେ ସମନ୍ୱିତ କୃଷି କେନ୍ଦ୍ର ନିର୍ମାଣ ପାଇଁ ଏକ ପ୍ରକଳ୍ପରେ 2 ବିଲିୟନ ଡ଼ଲାରର ବିନିଯୋଗ ତଥା ଗୁଜୁରାଟରେ 300 ମେଗାୱାଟ ପବନ ଓ ସୌର ହାଇବ୍ରିଡ ବିଦ୍ୟୁତ ପ୍ଲାଣ୍ଟର ସମ୍ଭାବ୍ୟ ବିକାଶ ଅନ୍ତର୍ଭୁକ୍ତ।

କମ୍ପାନୀ ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଖାଦ୍ୟ ସୁରକ୍ଷା, ଶକ୍ତି, ଜଳ, ମହାକାଶ, ପରିବହନ, ସ୍ୱାସ୍ଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରି ସାତୋଟି ସମାନ୍ତରାଳ ଅଧିବେଶନରେ ସମ୍ଭାବ୍ୟ ସହଭାଗୀତାକୁ ନେଇ ନିଜର ଅନ୍ତଃଦୃଷ୍ଟି ଉପରେ ଆଲୋଚନା କରିଥିଲେ।

ଆଇ2ୟୁ2 ବ୍ୟବସାୟ ଫୋରମର ଲକ୍ଷ୍ୟ ହେଉଛି ଆଇ2ୟୁ2ର ମୂଳ ଅର୍ଥନୈତିକ ଓ ବୈଷୟିକ କ୍ଷେତ୍ରରେ ମିଳିତ ବ୍ୟବସାୟିକ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଭାରତ, ଇସ୍ରାଏଲ, ୟୁଏଇ ଏବଂ ଆମେରିକାର ଘରୋଇ ତଥା ସାର୍ବଜନୀନ ସଂସ୍ଥାଗୁଡ଼ିକ ପାଇଁ ଏକ ନିୟମିତ ମଞ୍ଚ ଭାବେ ଉଭା ହେବା।

**ନୂଆଦିଲ୍ଲୀ**

**ଫେବୃଆରୀ 22, 2023**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.